ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୬ ଫେବୃୟାରୀ, ୨୦୨୩


## ସଂକ୍ଷେପରେ

### ୧ କୋଟି ୮୫ ଲକ୍ଷ ଟଙ୍କା ହଡ଼ପ ଘଟଣା
### ଗିରଫ ହେଲେ ବ୍ୟାଙ୍କ କର୍ମଚାରୀ




ଛେଣ୍ଡିପଦା,୨୫।୨(ସ୍ୱ.ପ୍ର.): ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଛକ ଠାରେ ଥିବା ଏକ ବ୍ୟାଙ୍କରୁ ୧ କୋଟି ୮୫ ଲକ୍ଷରୁ ଅଧିକ ଟଙ୍କା ହଡପ ମାମଲାରେ ଉକ୍ତ ବ୍ୟାଙ୍କର କର୍ମଚାରୀ ଆକାଶ ଭାରତୀଙ୍କୁ ପୋଲିସ ଶନିବାର ଗିରଫ କରିଛି। ଅଡିଟ୍ ବେଳେ ଟଙ୍କା ହଡପ ନେଇ ଜଣାପଡ଼ିବା ପରେ ଆଞ୍ଚଳିକ ମୁଖ୍ୟ ଶାଖା ପରିଚାଳକ ଅତୁଲ ପାଟଯୋଶୀ ଶୁକ୍ରବାର ଘଟଣା ସମ୍ପର୍କରେ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ ୮୪/୨୩ରେ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତ ଆକାଶଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ଏସ୍ଆଇ ରାଜେଶ ଶତପଥୀ ଘଟଣାର ତଦନ୍ତ କରି ପ୍ରମାଣ ପାଇବା ପରେ ଆକାଶଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛନ୍ତି।

# ଶରଧାପୁରରେ ପଶିଲା ପିଟିସି ଗୁଳି

■ଅଳ୍ପକେ ବର୍ତ୍ତିଲେ ଯୁବକ
■୬ ବର୍ଷରେ ୩ ଘଟଣା
■ଗାଁ ଲୋକେ ଭୟଭୀତ

ଅନୁଗୋଳ ଅଫିସ, ୨୫।୨

ଅନୁଗୋଳ ପୋଲିସ ଟ୍ରେନିଂ କଲେଜ (ପିଟିସି)ର ଫାୟାରିଂ ରେଞ୍ଜରେ କ୍ୟାଡେଟ୍‌ମାନେ ଶନିବାର ବନ୍ଧୁକ ଚାଳନା ଅଭ୍ୟାସ ବେଳେ ଘଟିଛି ଅଘଟଣ। ନିକଟରେ ଥିବା ଶରଧାପୁର ଗାଁ ମଣ୍ଡାପାଳ ସାହିର ଜଣେ ଯୁବକଙ୍କ ଗୋଡ଼ରେ ବାଜିଛି କ୍ୟାଡେଟ୍‌ଙ୍କ ଗୁଳି। ତେବେ ଏଥିରେ ସମ୍ପୃକ୍ତ ଯୁବକ ଆହତ ହୋଇ ନ ଥିଲେ ହେଁ ଗତ ୬ ବର୍ଷରେ ୩ଥର ଏପରି ଘଟଣା ଘଟିଥିବାରୁ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଶରଧାପୁର ଗାଁର ସୁବାସ ସାହୁ ଛାତ ଉପରେ ସିମେଣ୍ଟ କାମ କରୁଥିଲେ। ହଠାତ ତାଙ୍କ ଜଂଘରେ ଗୁଳି ବାଜି ତଳେ ଖସି ପଡ଼ିଥିଲା। ଏହାକୁ ନେଇ ଗାଁରେ ଭୟର ବାତାବରଣ ଖେଳିଯାଇଥିବା ବେଳେ ପିଟିସି ଫାୟାରିଂ ରେଞ୍ଜକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ସେମାନେ ଦାବି କରିଛନ୍ତି। ଏଭଳି ଘଟଣା ବାରମ୍ବାର ହେଉଥିଲେ ମଧ୍ୟ ପୋଲିସ ବିଭାଗ ପକ୍ଷରୁ କୌଣସି ଆଗୁଆ ସୂଚନା ସ୍ଥାନୀୟ ଲୋକଙ୍କୁ ପ୍ରଦାନ କରାଯାଉନାହିଁ। ପୂର୍ବରୁ ବନ୍ଧୁକ ଚାଳନା ଅଭ୍ୟାସ କରିବାର ଦୁଇ ଦିନ ଆଗରୁ ଗ୍ରାମରେ ଡାକବାଜି ଯନ୍ତ୍ରରେ ଘୋଷଣା କରାଯାଉଥିଲା। ହେଲେ ଏବେ ତାହା ବନ୍ଦ ହୋଇଯାଇଥିବା ଗ୍ରାମବାସୀ କହିଛନ୍ତି। ଘଟଣା ଜାଣିବା ପରେ ସଦର ପୋଲିସ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଛି। ଏ ସମ୍ପର୍କରେ ଅନୁଗୋଳ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର କହିଛନ୍ତି, ଦୀର୍ଘବର୍ଷ ହେବ ପିଟିସିରେ ଫାୟାରିଂ ରେଞ୍ଜ ରହିଛି। ଏହାକୁ ସ୍ଥାନାନ୍ତର ପାଇଁ ହେଉଥିବା ଦାବିକୁ ଅନୁଧ୍ୟାନ କରାଯିବ। ଏଥିସହ ସେଠାରେ ଲୋକଙ୍କ ବସବାସ ସରକାରୀ ଭାବେ ବୈଧ କି ନାହିଁ ତାହାର ତଦନ୍ତ କରାଯିବ।



## ୨୦୧୮ରେ ଛାତିରେ ବାଜିଥିଲା

୨୦୧୮ ଜୁଲାଇ ୪ରେ ଶରଧାପୁର ଗ୍ରାମର ବଦନୀ ମିଶ୍ର(୮୯)ଙ୍କ ଛାତିରେ ବାଜିଥିଲା ପିଟିସି କ୍ୟାଡେଟ୍‌ଙ୍କ ଗୁଳି। ସକାଳ ପ୍ରାୟ ସାଢ଼େ ୬ଟା ବେଳେ ଏହି ଘଟଣା ଘଟିଥିଲା। ସକାଳ ୬ଟା ୨୩ରେ ସିଆଇଏସ୍ଏଫ୍ ଯବାନମାନେ ବନ୍ଧୁକ ଚାଳନା ଅଭ୍ୟାସ ଆରମ୍ଭ କରିବାର ମାତ୍ର ୭ ମିନିଟ ପରେ ମଣ୍ଡାପାଳ ସାହିର ବୃଦ୍ଧା ବଦନୀଙ୍କ ଦେହରେ ଗୁଳି ବାଜିଥିଲା। ସେ ଘର ବାରଣ୍ଡାରେ ବସି ଦାନ୍ତ ଘଷୁଥିବା ବେଳେ ଚିତ୍କାର କରି ପଡ଼ିଯାଇଥିଲେ। କାନ୍ଧ ଓ ତାଙ୍କ ଛାତିରେ କ୍ଷତ ଚିହ୍ନ ଥିଲା। ତୁରନ୍ତ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସା ପରେ ସେ ସୁସ୍ଥ ହୋଇଥିଲେ। ଏହି ଘଟଣା ପରେ ବନ୍ଧୁକ ଚାଳନା ଅଭ୍ୟାସ ଅଧାରୁ ବନ୍ଦ ରଖାଯାଇଥିଲା। ଅନୁଗୋଳ ପୋଲିସ ଘଟଣାର ଛାନ୍‌ଭିନ୍ ଆରମ୍ଭ କରିଥିଲା। ଫାୟାରିଂ ରେଞ୍ଜସ୍ଥଳକୁ ଯାଇ ସିଆଇଏସ୍ଏଫ୍ ଅଧିକାରୀଙ୍କ ସହ ଆଲୋଚନା କରିଥିଲା। ପାହାଡ଼ ଡେଇଁ କିପରି ଏତେବାଟ ଗୁଳି ଗଲା ସେ ନେଇ ପଚରାଉଚରା କରିଥିଲା। ତତ୍‌କାଳୀନ ଏସ୍‌ପି କହିଥିଲେ, ଆଗାମୀ ଦିନରେ ଏପରି ଅଘଟଣ ଯେପରି ନ ଘଟିବ ସେଥିପାଇଁ ପଦକ୍ଷେପ ନିଆଯିବ ଓ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ବନ୍ଧୁକ ଚାଳନା ଅଭ୍ୟାସ କରାଯିବ। ଅଭ୍ୟାସ ବେଳେ ରେଞ୍ଜ ମଧ୍ୟରେ ଯେପରି କେହି ନ ରହିବେ ସେ ନେଇ ଗାଁ ଲୋକଙ୍କୁ ସଚେତନ କରାଯିବ। ସେହିପରି ୨୦୨୦ରେ ଅନ୍ୟଜଣେ ମହିଳାଙ୍କ ହାତରେ ଗୁଳିବାଜିଥିବା ଅଭିଯୋଗ ହୋଇଥିଲା।

# ମହିଳା ଚାଷୀଙ୍କୁ କୁକୁଡ଼ା ଚିଆଁ ପ୍ରଦାନ

ବଇଣ୍ଡା,୨୫।୨(ଡି.ଏନ.ଏ.)

ଅନୁଗୋଳ ଜିଲା ଖଣିଜ ପ୍ରତିଷ୍ଠାନ ଆନୁକୂଲ୍ୟରେ ପରିଚାଳିତ କୃଷି ଉତ୍ପାଦକ ସମୂହ (ଏପିସି ପ୍ରୋଜେକ୍ଟ) ସେୱା ଅନୁଷ୍ଠାନ ତରଫରୁ ରାଜ୍ୟ ସରକାରଙ୍କ ବାଡି ଅଗଣାରେ କୁକୁଡ଼ା ପାଳନ ଯୋଜନା ମାଧ୍ୟମରେ ଶନିବାର ନାକିଚି, ପଞ୍ଚାୟତରେ କୁକୁଡ଼ା ଚିଆଁ ପ୍ରଦାନ କରାଯାଇଛି। ଗ୍ରାମାଞ୍ଚଳରେ ରହୁଥିବା ଅନୁସୂଚିତ ଜାତି ଓ ଜନଜାତି ମହିଳା ଚାଷୀ କିଭଳି ରୋଜଗାରକ୍ଷମ ହୋଇପାରିବେ ସେ ନେଇ ଅଧିକାରୀମାନେ ପ୍ରକାଶ କରିଥିଲେ। ଅତିଥି ଭାବେ ନାକିଚି ସରପଞ୍ଚ ମନୋଜ ବାଘ ଯୋଗଦେଇ ମହିଳା ଚାଷୀଙ୍କୁ କୁକୁଡ଼ା ଚିଆଁ ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ପ୍ରାଣୀଚିକିତ୍ସା ଅଧିକାରୀ ଡ. କମଳ ଲୋଚନ ଦାସ, କିଶୋରନଗର ପ୍ରାଣୀ ଚିକିତ୍ସକ ଡ. ଶୁଭଶ୍ରୀ ଶ୍ୱେତପଦ୍ମା ସାହୁ, ହଣ୍ଡପା ପ୍ରାଣୀ ଚିକିତ୍ସକ ଡ. ମଧୁସ୍ମିତା ସାହୁ, କୃଷି ଉତ୍ପାଦକ ଗୋଷ୍ଠୀ (ଏପିସି)ର ପ୍ରକଳ୍ପ ସଞ୍ଚାଳକ ଆଶୁତୋଷ ପ୍ରସାଦ ଗଡ଼ନାୟକ, ପ୍ରାଣୀ ସମ୍ପଦ ବିକାଶ ବିଭାଗର ହଣ୍ଡପା, କଣ୍ଟେଇକୁଳିଆ, ନାକିଚି, ବିଲେଇନାଳୀ, ବାମୁରର ପ୍ରାଣୀଧନ ନିରୀକ୍ଷକ ଏବଂ କୃଷି ଉତ୍ପାଦକ ସମୂହର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।


ମହିଳାଙ୍କୁ କୁକୁଡ଼ା ଚିଆଁ ପ୍ରଦାନ କରାଯାଉଛି।

# ଷ୍ଟୋର ସୁରକ୍ଷା ପାଇଁ ସିସିଟିଭି ଖଞ୍ଜାଯାଉ

ବଣ୍ଟଅଁରପାଳ, ୨୫।୨ (ଡି.ଏନ.ଏ.)

ଅନୁଗୋଳସ୍ଥିତ ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟର ୨୨୦ କେଭି ବିଭାଗୀୟ ଷ୍ଟୋରରୁ ଗତ ୨୦ ତାରିଖ ରାତିରେ ଉଚ୍ଚ ବୈଦ୍ୟୁତିକ କପର କେବୁଲ ଚୋରି ଘଟଣା ନେଇ ନାଲ୍‌କୋ କର୍ତ୍ତୃପକ୍ଷ ଥାନାରେ ଅଭିଯୋଗ କରିଥିବା ବେଳେ ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି ଆଲୁମିନିୟମ ମଜଦୁର ସଂଘ। ସଂଘ ତରଫରୁ ଏ ନେଇ ଶନିବାର ସ୍ମେଲଟର ପ୍ଲାଣ୍ଟ ଦାୟିତ୍ୱରେ ଥିବା ଓଆଣ୍ଡଏମର ସମୂହ ମହାପ୍ରବନ୍ଧକ ଅଶୋକ ଦାସଙ୍କ ସହିତ ଆଲୋଚନା କରାଯାଇଥିଲା। ୨୪ ଘଣ୍ଟିଆ ସୁରକ୍ଷା ବଳୟକୁ ଭେଦ କରି ପ୍ଲାଣ୍ଟରୁ ଚୋରି ହେବା ଘଟଣା ସହଜରେ ଗ୍ରହଣଯୋଗ୍ୟ ନୁହେଁ। ଏହା ସିଆଇଏସ୍ଏଫ୍‌ର ଦାୟିତ୍ୱବୋଧତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ପ୍ଲାଣ୍ଟରେ ଥିବା ବିଭିନ୍ନ ଷ୍ଟୋରର ସୁରକ୍ଷା ପାଇଁ ସିସିଟିଭି ଖଞ୍ଜିବା ନିମନ୍ତେ ସଙ୍ଗଠନ ତରଫରୁ ଅନୁରୋଧ କରାଯାଇଛି। ବିଭିନ୍ନ ଷ୍ଟୋରର ପରିଚାଳନା ଦାୟିତ୍ୱ ନିୟମିତ କର୍ମଚାରୀମାନଙ୍କ ଦ୍ୱାରା କରାଇବା, ପ୍ରତିମାସରେ ମହଜୁଦ ସାମଗ୍ରୀର ଯାଞ୍ଚ ଓ ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହିତ ପରିଚାଳନାଗତ ତ୍ରୁଟି ତୁରନ୍ତ ସୁଧାରିବାକୁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଥିଲା। ଏ ନେଇ ଜିଏମ୍ ଓଆଣ୍ଡଏମ୍ ପ୍ରତିଶ୍ରୁତି ଦେଇଥିବା ସଙ୍ଗଠନ ପକ୍ଷରୁ କୁହାଯାଇଛି। ସଙ୍ଗଠନ ସଭାପତି ଓ ସାଧାରଣ ସମ୍ପାଦକ ମୁନା ସାମଲ, ବିନୋଦ ସାମଲଙ୍କ ନେତୃତ୍ୱରେ ମଦନ ସାହୁ, ବରୁଣ ବେହେରା, ତ୍ରିପତି ସେନାପତି, ରଞ୍ଜିତ ମାଝି, ହେମନ୍ତ ପ୍ରଧାନ, ସୁବାସ ଗଡ଼ନାୟକ, ଗୋପାଳ କୃଷ୍ଣ ମଲିକ, କେଦାର ସାହୁ, ନୃସିଂହ ବେହେରା, ଜ୍ୟୋତି ଦାସ, ସଂସାର ମହାନ୍ତି, ମହେନ୍ଦ୍ର ବେହେରା ପ୍ରମୁଖ ଆଲୋଚନା ବେଳେ ଉପସ୍ଥିତ ଥିଲେ।


ଓଆଣ୍ଡଏମର ସମୂହ ମହାପ୍ରବନ୍ଧକଙ୍କ ସହ ଆଲୁମିନିୟମ ମଜଦୁର ସଂଘ କର୍ମକର୍ତ୍ତା ଆଲୋଚନା କରୁଛନ୍ତି।



ଅନୁଗୋଳ ସହରସ୍ଥିତ ସଭାଘରଠାରେ ଶନିବାର ଆୟୋଜିତ ବଡି ବିଲ୍ଡିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନେ।

# ପ୍ରବଚନ ମହାଯଜ୍ଞ ଆରମ୍ଭ

ଛେଣ୍ଡିପଦା,୨୫।୨(ସ୍ୱ.ପ୍ର)

ଛେଣ୍ଡିପଦା ବ୍ଲକ ଖମାର ଗ୍ରାମ ଚନ୍ଦନପଡିଆଠାରେ ନବଦିନ ବ୍ୟାପୀ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞ ଖମାର ଗ୍ରାମ କମିଟି ସଭାପତି ନେତ୍ରାନନ୍ଦ ଗଡନାୟକ ଓ ପାରାୟଣ କମିଟି ସଭାପତି ମନୋଜ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଶନିବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନ ଗ୍ରାମର ମହିଳାମାନେ କଳସ ଯାତ୍ରାରେ ସାମିଲ ହୋଇଥିଲେ। ପରେ ନିତ୍ୟଯଜ୍ଞ, ସନ୍ଧ୍ୟାରେ ନାମଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ପ୍ରବକ୍ତା ପଣ୍ଡିତ ମନୋଜ କୁମାର ରଥ, ସୁଶ୍ରୀ ଗୀତାଞ୍ଜଳି ଜେନା, ପଣ୍ଡିତ ନିରଞ୍ଜନ ଶାଶିନୀଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କର୍ତ୍ତା ଭାବେ ବିଭୂତି ଭୂଷଣ ଗଡନାୟକ କାର୍ଯ୍ୟ ତୁଲାଉଥିବା ବେଳେ ଭକ୍ତମାନଙ୍କ ମଧ୍ୟରେ ଧାର୍ମିକ କୁଇଜ ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା। ପଣ୍ଡିତ ପ୍ରସନ୍ନ କୁମାର ଆଚାର୍ଯ୍ୟ, ପୀତବାସ ଆଚାର୍ଯ୍ୟ ଓ ଧରଣୀଧର ଆଚାର୍ଯ୍ୟଙ୍କ ନେତୃତ୍ୱରେ ମହାଯଜ୍ଞ କାର୍ଯ୍ୟ କରାଯାଇଥିଲା। ପାରାୟଣ କମିଟି ଉପଦେଷ୍ଟା ବାବୁଲି ଗଡନାୟକ, ଉପସଭାପତି ଶ୍ରବଣ କୁମାର ଗଡନାୟକ, ସମ୍ପାଦକ ରଶ୍ମିରଞ୍ଜନ ମାଝି, ଖମାର ଗ୍ରାମ ସମ୍ପାଦକ ହେମନ୍ତ ବିଶ୍ୱାଳ ପ୍ରମୁଖ ପରିଚାଳନା କରୁଛନ୍ତି।



## ଶିକ୍ଷୟିତ୍ରୀଙ୍କ ଆକାଉଣ୍ଟରୁ କଟିଗଲା ଲକ୍ଷେ ଟଙ୍କା

ଅନୁଗୋଳ ଅଫିସ, ୨୫।୨

ଅନୁଗୋଳ ଜିଲା ନାଲ୍‌କୋ ଥାନା ଅଞ୍ଚଳର ଏକ ପ୍ରତିଷ୍ଠିତ ବିଦ୍ୟାଳୟରେ କାର୍ଯ୍ୟରତ ଜଣେ ଶିକ୍ଷୟିତ୍ରୀ ସାଇବର ଠକେଇର ଶିକାର ହୋଇଛନ୍ତି। ଏ ନେଇ ଶିକ୍ଷୟିତ୍ରୀ ଜଣଙ୍କ ନାଲ୍‌କୋ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୩୨/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ସମ୍ପୃକ୍ତା ଶିକ୍ଷୟିତ୍ରୀ ଗତ ୧୮ ତାରିଖରେ ଭୁବନେଶ୍ୱରରୁ ଏକ ଘଣ୍ଟା କିଣିଥିଲେ। ତାଙ୍କ ନିକଟକୁ ଗତ ୨୨ ତାରିଖରେ ଏକ ଅଜଣା ନମ୍ବରରୁ ଫୋନ୍ ଆସିଥିଲା। ଏକ ବ୍ୟାଙ୍କିଙ୍ଗ ଆପ୍‌ରେ କ୍ୟାଶ୍‌ବ୍ୟାକ୍ ମିଳିବ ବୋଲି କୁହାଯାଇଥିଲା। ଏହାପରେ ତାଙ୍କ ୟୁପିଆଇ ଆକାଉଣ୍ଟକୁ ୨ ଟଙ୍କା ଆସିଥିଲା। କିନ୍ତୁ ୨୩ ତାରିଖରେ ତାଙ୍କ ଆକାଉଣ୍ଟରୁ ଦୁଇଟି ପର୍ଯ୍ୟାୟରେ ଲକ୍ଷେ ଟଙ୍କା କଟିଯାଇଥିଲା। ଠକାମିର ଶିକାର ହୋଇଥିବା ଜାଣିବା ପରେ ଶିକ୍ଷୟିତ୍ରୀ ଜଣକ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ଆନ୍ଦୋଳନକୁ ସମର୍ଥନ ଦେଲେ ବିଧାୟକ

ତାଳଚେର, ୨୫।୨ (ନି.ପ୍ର.)

ତାଳଚେର ବ୍ଲକ ଘଣ୍ଟପଡ଼ା ଓ ବଲଣ୍ଡା ମଧ୍ୟଭାଗରେ ଥିବା ଗ୍ଲୋବାଲ ଓ ଆରିୟନ କୋଲ ୱାସେରି ସ୍ଥାନାନ୍ତର ଦାବି ନେଇ ଜିଲା ପରିଷଦ ସଦସ୍ୟ ସତ୍ୟଭାମା ସାହୁଙ୍କ ନେତୃତ୍ୱରେ ମହିଳା ମଞ୍ଚ ପକ୍ଷରୁ ୱାସେରି ଫାଟକ ସମ୍ମୁଖରେ ଚାଲିଥିବା ଆନ୍ଦୋଳନ ଶନିବାର ୨ ଦିନରେ ପହଞ୍ଚିଛି। ଶନିବାର ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଆନ୍ଦୋଳନସ୍ଥଳରେ ପହଞ୍ଚି ଏହାକୁ ସମର୍ଥନ କରିବା ସହ କୋଲ୍ ୱାସେରି ସ୍ଥାନାନ୍ତର ଦାବିକୁ ଜୋର୍‌ଦାର କରିଛନ୍ତି। ଅପରପକ୍ଷେ ଏହି ୱାସେରିକୁ ବନ୍ଦ ଅଥବା ସ୍ଥାନାନ୍ତର ନ କରିବାକୁ ଘଣ୍ଟପଡ଼ ସରପଞ୍ଚ ସସ୍ମିତା ବିଶ୍ୱାଳ ଓ ସମିତି ସଭ୍ୟ କରୁଣାକର ସାହୁ, ପୂର୍ବତନ ସରପଞ୍ଚ ସୁନୀଲ ବିଶ୍ୱାଳ ଓ ଅନ୍ୟମାନେ ଦାବି କରିଛନ୍ତି। ଫଳରେ ଶୁକ୍ରବାରଠାରୁ ସେଠାରେ ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ମଧ୍ୟରେ ଏକ ପ୍ରକାର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଏପରି କି ଏହି ୱାସେରିକୁ ନେଇ ଦୁଇ ପ୍ରମୁଖ ରାଜନୈତିକ ଦଳ ବିଜେଡି ଓ ଭାଜପା ରାଜନୀତି ଆରମ୍ଭ କରିଥିବା କୁହାଯାଉଛି। ବିଧାୟକ ଓ ବିଜେଡି ପକ୍ଷରୁ ୱାସେରିକୁ ସ୍ଥାନାନ୍ତର ପାଇଁ ଦାବି କରାଯାଉଥିବା ବେଳେ ଭାଜପା ସମର୍ଥିତ ପଞ୍ଚାୟତ ଜନପ୍ରତିନିଧି ୱାସେରି ସପକ୍ଷରେ ମତଦେବା ସହ ସ୍ଥାନାନ୍ତର ଦାବିକୁ ବିରୋଧ କରିବା ଚର୍ଚ୍ଚାର ବିଷୟ ହୋଇଛି।



ଆନ୍ଦୋଳନକାରୀଙ୍କୁ ସମର୍ଥନ ଦେଉଛନ୍ତି ତାଳଚେର ବିଧାୟକ।

# ଅନ୍ତେବାସୀଙ୍କୁ ସ୍କୁଲ ବ୍ୟାଗ ବଣ୍ଟନ

ଅନୁଗୋଳ ଅଫିସ, ୨୫।୨

ରୋଟାରି କ୍ଲବ ଅନୁଗୋଳ ରୟାଲ ପକ୍ଷରୁ ରୋଟାରିର ୧୧୮ ତମ ଜନ୍ମ ଦିବସ ପାଳିତ ହୋଇଯାଇଛି। ଏହି ଦିବସ ଅବସରରେ ବିଶ୍ୱକୁନ୍ତଳା ଶିଶୁ ଗୃହ ପରିସରରେ ଅନ୍ତେବାସୀମାନଙ୍କୁ ସ୍କୁଲ ବ୍ୟାଗ, ବିସ୍କୁଟ, ଚକୋଲେଟ ଏବଂ ମିଠା ବଣ୍ଟନ କରାଯାଇଥିଲା। ରୋଟାରି ରୟାଲ ସଭାପତି ହରଗୋବିନ୍ଦ ମହାପାତ୍ର ସାମାଜିକ କାର୍ଯ୍ୟ କ୍ଷେତ୍ରରେ ରୋଟାରିର ଆଭିମୁଖ୍ୟ ଉପରେ ଗଭୀର ଆଲୋକପାତ କରିଥିଲେ। ଡାକ୍ତର ମାଇକେଲ ଜନ, ଜୟ ପ୍ରକାଶ ମୋଦି, ଅନିଲ ଗୁପ୍ତା, ମୁରାରୀ ଲାଲ ଅଗ୍ରୱାଲ, ମିଳନ କୁମାର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ସିଆଚିନରେ କାର୍ଯ୍ୟରତ ଓଡ଼ିଆ ପୁଅ ଆକାଶ ଦାସ ଚୌଧୁରୀ ଯୋଗଦେଇ ନିଜ ଅଭିଜ୍ଞତା ସମ୍ପର୍କରେ ପିଲାମାନଙ୍କୁ ଅବଗତ କରାଇଥିଲେ।



ଶିଶୁ ଗୃହ ଅନ୍ତେବାସୀଙ୍କ ସହ କ୍ଲବ କର୍ମକର୍ତ୍ତାମାନେ।

# ଉପବାଚସ୍ପତି ଓ ବନ୍ଦ ଲଫାପାକୁ ନେଇ ଚର୍ଚ୍ଚା

■ଛୁଟି ଦିନରେ ୨ ଥର ଯାଇଥିଲେ ଜିଲାପାଳଙ୍କ କାର୍ଯ୍ୟାଳୟ
■ବନ୍ଦ ଲଫାପା ଗ୍ରହଣ କରିବା ପରେ କର୍ମଚାରୀ ଛୁ

ଅନୁଗୋଳ ଅଫିସ, ୨୫।୨

ମାସର ଚତୁର୍ଥ ଶନିବାର ହୋଇଥିବାରୁ ସରକାରୀ ଛୁଟି ଥିଲା। ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ମଧ୍ୟ ବନ୍ଦ ରହିଥିଲା। ହେଲେ ଏମିତି କି ଜରୁରୀ କାର୍ଯ୍ୟ ପଡ଼ିଲା ଯେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ତଥା ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହଙ୍କୁ ୨ ଥର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯିବାକୁ ପଡ଼ିଲା, ତାହା ପୁଣି ବନ୍ଦ ଲଫାପା ନେଇ। ଆଉ ଉକ୍ତ ଲଫାପା ଉପବାଚସ୍ପତିଙ୍କଠାରୁ ଗ୍ରହଣ କରିବା ପରେ ଅପେକ୍ଷାରତ ଜଣେ କର୍ମଚାରୀ କାହିଁକି ତରବର ହୋଇ କାର୍ଯ୍ୟାଳୟରୁ ଛୁ ମାରିଲେ, ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଘଟଣା ସମ୍ପର୍କରେ ଅନୁଗୋଳରେ ଦିନତମାମ ଜୋର୍‌ଦାର ଆଲୋଚନା ଚାଲିଛି।

ଦେଖିଥିବା ଲୋକେ କହୁଛନ୍ତି, ଅପରାହ୍ନ ପ୍ରାୟ ୨ଟାରେ ଉପବାଚସ୍ପତିଙ୍କ ଗାଡ଼ି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରକୁ ପଶିଥିଲା। ଅଫିସ ସମ୍ମୁଖ ପୋର୍ଟିକ ତଳେ ମାତ୍ର କେଇ ମିନିଟ୍ ଗାଡ଼ି ରହିବା ପରେ ପୁଣି ବାହାରି ଯାଇଥିଲା ପରିସରରୁ। ହେଲେ କେହି କିଛି ବୁଝିବା ପୂର୍ବରୁ ପୁନର୍ବାର ଉପବାଚସ୍ପତିଙ୍କ ଗାଡ଼ି ପ୍ରବେଶ କରିଥିଲା ଜିଲା କାର୍ଯ୍ୟାଳୟ ଭିତରକୁ। ଏହାପରେ ଖୋଦ୍ ଉପବାଚସ୍ପତି ଏକ ବନ୍ଦ ଲଫାପା ବଢ଼ାଇ ଦେଇଥିଲେ ସେଠାରେ ଅପେକ୍ଷାରତ କର୍ମଚାରୀଙ୍କୁ। ଉକ୍ତ ଲଫାପାର ବାମ ପାର୍ଶ୍ୱ ତଳେ ଉପବାଚସ୍ପତିଙ୍କ ଦସ୍ତଖତ ରହିଥିଲା। ଛୁଟି ଦିନରେ କାହିଁକି ଏପରି ବନ୍ଦ ଲଫାପା ନେଇ ନିଜେ ଉପବାଚସ୍ପତିଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିବାକୁ ପଡ଼ିଲା ଓ ସେଥିରେ କେଉଁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ରହିଛି ତାହା ଜାଣିବାକୁ ସାଧାରଣରେ ବେଶ୍ ଉତ୍ସୁକତା ସୃଷ୍ଟି ହୋଇଥିବା ବେଳେ ଉପବାଚସ୍ପତିଙ୍କ ସହ ଗାଡ଼ିରେ ଥିବା ସହଯୋଗୀଙ୍କ ମୁଣ୍ଡ ବିନ୍ଧା ଆରମ୍ଭ ହୋଇଥିଲା। ଏପରି କି କିଏ ଓ କାହିଁକି ଫଟୋ ଉତ୍ତୋଳନ କରିଛନ୍ତି ଏ ନେଇ ସେ ତୁଙ୍ଗ ନେତାମାନଙ୍କୁ ଖବର ଦେଇଥିଲେ। ଏହାପରେ ସମ୍ପୃକ୍ତ ତୁଙ୍ଗ ନେତା ଓ ଯୁବ ନେତାମାନେ ଫୋନ୍ କରି ଫଟୋ ଉଠାଇବାର କାରଣ ଜାଣିବାକୁ ଘନ ଘନ ଉଦ୍ୟମ କରିବା ଜନସାଧାରଣଙ୍କ ଉତ୍ସୁକତାକୁ ଅଧିକ ବଢ଼ାଇଦେଇଛି। ଏ ସମ୍ପର୍କରେ ଉପବାଚସ୍ପତି ସିଂହ କହିଛନ୍ତି, ଜିଲାପାଳଙ୍କ କାର୍ଯ୍ୟାଳୟ ଷ୍ଟେନୋଙ୍କ ସହିତ କଥା ହୋଇଥିଲି। ତାଙ୍କୁ ଏକ ଚିଠି ଦେବାର ଥିଲା। ଯେହେତୁ ଅନୁଗୋଳରେ ଅନୁପସ୍ଥିତ ରହିବି, ତେଣୁ ଉକ୍ତ ଚିଠି ଷ୍ଟେନୋଙ୍କୁ ଦେବାର ଆବଶ୍ୟକ ଥିବାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଯାଇଥିଲି। ହେଲେ ବିଳମ୍ବ ଯୋଗୁ ଷ୍ଟେନୋ ସେଠାରେ ନ ଥିଲେ ଓ ଜଣେ କର୍ମଚାରୀଙ୍କୁ ଚିଠି ଦେଇ ଫେରି ଆସିଲି ବୋଲି ଉପବାଚସ୍ପତି ପ୍ରକାଶ କରିଛନ୍ତି।


ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରକୁ ଉପବାଚସ୍ପତିଙ୍କ ଗାଡ଼ି ପ୍ରବେଶ କରୁଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ

**ରାସୋଳ, ୨୫।୨(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ରାସୋଳ ଥାନା ଅଧୀନ ପୁରୁଣା କଟକ-ସମ୍ବଲପୁର ରାସ୍ତାର ନାଉକିଆରି ଖଲା ପାଖରେ ଶନିବାର ଅପରାହ୍ନରେ ଦୁର୍ଘଟଣା ଘଟି ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସଦର ଥାନା ଭାପୁର ଫାଣ୍ଡି ଅନ୍ତର୍ଗତ ଡିହଖମଣ ଗ୍ରାମର ଶ୍ରୀକାନ୍ତ ନାୟକ (୩୬)। ଏଥିରେ ସଞ୍ଜୟ ନାୟକ (୨୬) ନାମକ ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ବାସିନ୍ଦା ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ପ୍ରଥମେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସମ୍ପୃକ୍ତ ୨ ଜଣ ବାଇକ୍‌ରେ ଘରୋଇ ସାମଗ୍ରୀ ଧରି ଆସୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

### ସଦର, ଗଁଦିଆ ବ୍ଲକରେ ଷ୍ଟାଡିୟମ୍ ନିର୍ମାଣ ଦାବି

**ଢେଙ୍କାନାଳ ଅଫିସ,୨୫।୨:** ଢେଙ୍କାନାଳ ସଦର ବ୍ଲକ କୋଇଲିପଙ୍ଗି ଓ ଗଁଦିଆ ବ୍ଲକରେ ପର୍ଯ୍ୟାପ୍ତ କ୍ରୀଡ଼ା ଭିତ୍ତିଭୂମି ରହିଛି। ଅଞ୍ଚଳର କ୍ରୀଡ଼ା ଓ କ୍ରୀଡ଼ା ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ଲାଗି ଗତ ୨୩ ତାରିଖରେ ବିଧାନସଭାରେ ଦାବି କରିଛନ୍ତି ବିଧାୟକ ସୁଧୀର ସାମଲ। ଢେଙ୍କାନାଳ ସଦରରେ ଥିବା ମୁଖ୍ୟ ଷ୍ଟାଡିୟମ୍‌ର ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ୩ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ହେଲେ ଏହା ପର୍ଯ୍ୟାପ୍ତ ନୁହେଁ ବୋଲି ବିଧାୟକ କହିଥିଲେ। ଏ ସମ୍ପର୍କରେ ବିଭାଗୀୟ ମନ୍ତ୍ରୀଙ୍କଠାରୁ ଉତ୍ତର ଲୋଡ଼ିଥିଲେ। ଏଥିସହ ମୁଖ୍ୟ ଷ୍ଟାଡିୟମର ବିକାଶ ପାଇଁ ପଦକ୍ଷେପ ନେବା ଲାଗି ସେ ନିବେଦନ କରିଛନ୍ତି।

### ପାଇପ୍ ଚୋରି ଉଦ୍ୟମ ପଣ୍ଡ



**ଢେଙ୍କାନାଳ ଅଫିସ, ୨୫।୨:** ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ମୁକ୍ତାପଶି ରେଙ୍ଗାଳି ବାମପାର୍ଶ୍ୱ କେନାଲ ନିକଟରେ ଥିବା ଉଠା ଜଳସେଚନ ପ୍ରକଳ୍ପରୁ ଶୁକ୍ରବାର ବିଳମ୍ବିତ ରାତିରେ ପାଇପ୍ ଚୋରି ପାଇଁ ଉଦ୍ୟମ ହୋଇଛି। ଦୁର୍ବୃତ୍ତମାନେ ବାଇକ୍‌ରେ ଆସି ଉଠା ଜଳସେଚନ ପାଇଁ ବିଛା ଯାଇଥିବା ପାଇପ୍‌କୁ ଗ୍ୟାସ୍ କଟରରେ କାଟି ଚୋରି ଉଦ୍ୟମ କରୁଥିଲେ। ତେବେ ସୂଚନା ପାଇ ଚାଷୀମାନେ ପହଞ୍ଚିଯିବାରୁ ଅଭିଯୁକ୍ତମାନେ କାଟିଥିବା ପାଇପ୍, ବାଇକ୍, ଗ୍ୟାସ୍ କଟର ଛାଡ଼ି ଚମ୍ପଟ ମାରିଥିଲେ। ଜବତ ସାମଗ୍ରୀକୁ ପୋଲିସ ଜିମା ଦିଆଯାଇଛି। କାମାକ୍ଷାନଗର ଥାନାଧିକାରୀ ଶରତ ଚନ୍ଦ୍ର ମହାଲିକ ଏହାର ତଦନ୍ତ ଜାରି ରଖିଛନ୍ତି।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ଢେଙ୍କାନାଳ ଅଫିସ, ୨୫।୨:** ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ସୋଗରରେ ରହୁଥିବା ଅବସରପ୍ରାପ୍ତ ଶିକ୍ଷକ ଗୋପାଳ ଚନ୍ଦ୍ର ସାହୁଙ୍କ ଶନିବାର ଭୋର ସମୟରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ବାସଭବନରେ ଥିବାବେଳେ ହୃଦ୍‌ଘାତର ଶିକାର ହୋଇଥିଲେ। ସୂଚନା ପାଇ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷାବିତ୍, ପୁରାତନ ଛାତ୍ର ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିଥିଲେ। ଦିବଂଗତ ସାହୁ ସୋଗର ହାଇସ୍କୁଲରେ ଦୀର୍ଘଦିନ ଧରି ଶିକ୍ଷକତା କରିବା ପରେ ଅବସର ନେଇଥିଲେ। ଜଣେ ଆଦର୍ଶ ଶିକ୍ଷକ ଭାବେ ସେ ପରିଚିତ ଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



# ସେବା ପାଇଁ ସମର୍ପିତ 'ବଜରଙ୍ଗ କ୍ଲବ'




**ଢେଙ୍କାନାଳ ଅଫିସ, ୨୫।୨**

**ପ୍ରାକୃତିକ ବିପର୍ଯ୍ୟୟ ହେଉ କି ଦୁଃଖୀରଙ୍କୀଙ୍କ ସେବା ଅବା ପରିଚୟହୀନ ମୃତଦେହର ଶେଷକୃତ୍ୟ କରିବା। ଆର୍ଥିକ ଦୁର୍ବଳ ବର୍ଗର ଛାତ୍ରୀଛାତ୍ରଙ୍କୁ ସହାୟତାର ହାତ ବଢ଼ାଇବା ହେଉ କିମ୍ବା ପାଠାଗାର ମାଧ୍ୟମରେ ଗୁଣାତ୍ମକ ଶିକ୍ଷାର ବିକାଶ, ମାନବୀୟ ମୂଲ୍ୟବୋଧ ସହିତ ଜଡ଼ିତ ଏଭଳି ଏକାଧିକ କାର୍ଯ୍ୟ ହାତକୁ ନେଇ ଜନସାଧାରଣଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଦଖଲ କରିଛି ଢେଙ୍କାନାଳର 'ବଜରଙ୍ଗ କ୍ଲବ'। ସେବା ପାଇଁ ସମର୍ପିତ ଏହି ଅନୁଷ୍ଠାନ ଯୁବପିଢ଼ିଙ୍କ ପ୍ରେରଣା ପାଲଟିଥିବାବେଳେ ଦିନକୁ ଦିନ ଏହାର କଳେବର ବୃଦ୍ଧି ପାଇବାରେ ଲାଗିଛି।**

- ଯୋଡ଼ିହେଲେଣି ୧୦୦୦ ସଦସ୍ୟ
- ମହିଳା ୱିଙ୍ଗ୍‌ରେ ୧୦୦ କାର୍ଯ୍ୟକର୍ତ୍ତା
- ଜିଲାରେ କାର୍ଯ୍ୟ କରୁଛି ୫ ଶାଖା

ସେବା ପାଇଁ ଢେଙ୍କାନାଳ ସମେତ ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବଜରଙ୍ଗ କ୍ଲବ। 'ମାନବ ସେବା ହିଁ ମାଧବ ସେବା' ମୂଳମନ୍ତ୍ର ସହ ଆଗକୁ ବଢୁଥିବା ଏହି ଯୁବ ଅନୁଷ୍ଠାନ ଅନେକ ସମୟରେ ମାନବିକତାର ପରିଚୟ ଦେଇ ଜନମାନସରେ ସୃଷ୍ଟି କରିଛି ଉଦାହରଣ।

୧୯୯୬ ମସିହାରେ ମାତ୍ର ୧୦ ଯୁବ ସଦସ୍ୟଙ୍କୁ ନେଇ ଗଠିତ ହୋଇଥିଲା ବଜରଙ୍ଗ କ୍ଲବ। ସମସ୍ତ ପ୍ରକାର ସେବାମୂଳକ କାର୍ଯ୍ୟ କରିବା ଥିଲା ଏହାର ମୂଳ ଲକ୍ଷ୍ୟ। କ୍ଲବର ବରିଷ୍ଠ ସଦସ୍ୟ ସନ୍ଦୀପ ଷଡ଼ଙ୍ଗୀଙ୍କ ଆହ୍ୱାନକ୍ରମେ ଏଥିରେ ଏବେ ୧୦୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଡ଼ିହୋଇଛନ୍ତି। କ୍ଲବର ଏକ ମହିଳା ଶାଖା ମଧ୍ୟ ରହିଛି, ଯେଉଁଥିରେ ୧୦୦ରୁ ଊର୍ଦ୍ଧ୍ୱ ସଦସ୍ୟା ରହିଛନ୍ତି। ଢେଙ୍କାନାଳ ପୌରାଞ୍ଚଳର ବନମାଳୀପ୍ରସାଦ, ସଦର ବ୍ଲକର ବାଲ୍ୟାମ୍ବା, କଙ୍କଡ଼ାହାଡ଼, ଗଁଦିଆ ବ୍ଲକର ଯୋରନ୍ଦା, ଭୁବନ ବ୍ଲକର ମଠକରଗୋଳାରେ କ୍ଲବର ୫ ଶାଖା କାର୍ଯ୍ୟ କରୁଛି। ଆଦିବାସୀବହୁଳ କଙ୍କଡ଼ାହାଡ଼ ବ୍ଲକର ଦୁର୍ଗମ ପୁଟିପୋଳକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରିଛି ବଜରଙ୍ଗ କ୍ଲବ। ଏଠାରେ ସ୍ୱାସ୍ଥ୍ୟ ସଚେତନତା, ଗରିବ ପିଲାମାନଙ୍କୁ ସ୍କୁଲମୁହାଁ ଲାଗି ଉତ୍ସାହିତ କରାଇବା, ପୋଷାକ ପ୍ରଦାନ, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ଚକ୍ଷୁ ଚିକିତ୍ସା ଶିବିର ଆୟୋଜନ କରାଯାଉଛି। କୋଭିଡ୍ ସମୟରେ ବିବିଧ କାର୍ଯ୍ୟକ୍ରମ ହାତକୁ ନେଇ ବଜରଙ୍ଗ କ୍ଲବ ଅନେକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଗରିବ ପରିବାରକୁ ଶୁଖିଲା ଖାଦ୍ୟ ପ୍ରଦାନ, ଟିକାକରଣ କ୍ୟାମ୍ପ, କୋଭିଡ୍ ପରୀକ୍ଷା ଶିବିର ଆୟୋଜନ, କ୍ୱାରାଣ୍ଟାଇନ୍‌ରେ ରହୁଥିବା ଆକ୍ରାନ୍ତଙ୍କ ନିକଟରେ ଆବଶ୍ୟକ ଜରୁରୀ ସାମଗ୍ରୀ ପହଞ୍ଚାଇବା, କୋଭିଡ୍‌ରେ ଗୁରୁତର ରୋଗୀଙ୍କୁ ନିଃଶୁଳ୍କ ଅକ୍ସିଜେନ ସେବା ଯୋଗାଇ ମାନବିକତାର ପରିଚୟ ଦେଇଥିଲେ କ୍ଲବ ସଦସ୍ୟ। କର୍ମକର୍ତ୍ତାଙ୍କ ଉଦ୍ୟମ ଏବଂ ସ୍ୱାସ୍ଥ୍ୟ ବିଭାଗ ସହଯୋଗରେ ୫୦୦ରୁ ଊର୍ଦ୍ଧ୍ୱ ଅକ୍ସିଜେନ୍ ସିଲିଣ୍ଡର ପ୍ରଦାନ କରି ବହୁ ରୋଗୀଙ୍କ ଜୀବନ ବଞ୍ଚାଯାଇପାରିଥିଲା। ଏହାକୁ ବାଦ୍‌ଦେଲେ ଖରାଦିନେ ଜଳଛତ୍ର, ବୁଲାଜନ୍ତୁ, ମାଙ୍କଡ଼ଙ୍କୁ ଖାଦ୍ୟ ପାନୀୟ ବ୍ୟବସ୍ଥା କରି ଆଦର୍ଶ ସାଜିଛନ୍ତି କ୍ଲବର ସଦସ୍ୟ। ଏବେ ଜରୁରୀ ସେବା ପାଇଁ କ୍ଲବ ପକ୍ଷରୁ ଦୁଇଟି ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଛି।

ରକ୍ତ ସଂଗ୍ରହରେ ବଜରଙ୍ଗ କ୍ଲବର ଅବଦାନ ଅନନ୍ୟ। ୨୦୧୩ରୁ ୨୦୨୨ ମଧ୍ୟରେ ଅଧିକ ରକ୍ତ ସଂଗ୍ରହ କରିଥିବାରୁ ଏହାକୁ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କ୍ଲବକୁ ଫେଡେରେଶନ ଅଫ୍ ଇଣ୍ଡିଆ ବ୍ଲଡ ଡୋନର ଆସୋସିଏଶନ, ବାଙ୍ଗାଲୋରର ସଦସ୍ୟତା ମିଳିଛି। ସେହିପରି ୨୦୧୯ରେ ଜିଲାର ଶ୍ରେଷ୍ଠ ଶୃଙ୍ଖଳିତ କ୍ଲବ ଭାବେ ପୁରସ୍କୃତ ହୋଇଛି। ଏଥିସହ ରାଜ୍ୟ ସରକାରଙ୍କଠାରୁ ଶ୍ରେଷ୍ଠ ୟୁଥ୍ କ୍ଲବ ଭାବେ ସମ୍ବର୍ଦ୍ଧିତ ମଧ୍ୟ ହୋଇଛି। କ୍ଲବର ବାର୍ଷିକ ଉତ୍ସବ 'ଆଗ୍ନେୟ' ପ୍ରତିଭା ବିକାଶର ମଞ୍ଚ ପାଲଟିଛି। ମାନବ ସେବାକୁ ବ୍ରତ ଭାବେ ଗ୍ରହଣ କରିବା ଏବଂ ଏହାକୁ କାର୍ଯ୍ୟକାରୀ କରିବାରେ ଯେଉଁ ଆନନ୍ଦ ମିଳେ, ତାହା ଅନ୍ୟ କେଉଁଥିରେ ନାହିଁ ବୋଲି କହିଛନ୍ତି କ୍ଲବର ସଭାପତି ଅମରେନ୍ଦ୍ର ସାମଲ ଓ ସମ୍ପାଦକ ଶୁଭେନ୍ଦୁ କୁମାର ଷଡ଼ଙ୍ଗୀ।


ସଭାପତି ଅମରେନ୍ଦ୍ର ସାମଲ।


ସମ୍ପାଦକ ଶୁଭେନ୍ଦୁ ଷଡ଼ଙ୍ଗୀ।

### ସବୁଆଡ଼ୁ ମିଳୁଛି ସହଯୋଗ

ବଜରଙ୍ଗ କ୍ଲବର ସେବାମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ ବିଭିନ୍ନ ସମୟରେ ରାଜନେତା, ବଦାନ୍ୟ ବ୍ୟକ୍ତି ସହାୟତାର ହାତ ବଢ଼ାଇଛନ୍ତି। ୨୦୧୭-୧୮ରେ ତତ୍କାଳୀନ ଏମ୍‌ପି ତଥାଗତ ସତପଥୀ ତାଙ୍କ ଆଞ୍ଚଳିକ ବିକାଶ ପାଣ୍ଠିରୁ କ୍ଲବର ଲାଇବ୍ରେରି ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଥିଲେ। ଏହି ଅର୍ଥରେ ସଂଗ୍ରାମୀ ସାରଙ୍ଗଧର ଦାସଙ୍କ ନାମରେ ଏକ ପାଠାଗାର ପ୍ରତିଷ୍ଠା କରାଯାଇଛି। ସେହିପରି ଏକ ଜିମ୍ ପାଇଁ ଏମ୍‌ପି ମହେଶ ସାହୁ, ବିଧାୟକ ସୁଧୀର କୁମାର ସାମଲ ଏବଂ ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ୨୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।

# ଆଉଟ୍‌ସୋର୍ସିଂ ନିଯୁକ୍ତିରେ ଅନିୟମିତତା

**ଢେଙ୍କାନାଳ ଅଫିସ, ୨୫।୨**

### ଅଭିଯୋଗକୁ ମିଛ କହିଲେ ସିଡିଏମ୍‌ଓ

ଢେଙ୍କାନାଳ ଜିଲା ସ୍ୱାସ୍ଥ୍ୟ ବିଭାଗ ଆଉଟ୍‌ସୋର୍ସିଂ କର୍ମଚାରୀ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ଆଉଟସୋର୍ସିଂ ମାଧ୍ୟମରେ କର୍ମଚାରୀ ନିଯୁକ୍ତି ପାଇଁ ଏକ ଠିକାସଂସ୍ଥା ଅନୁମତି ପାଇଛି। ଉକ୍ତ ଠିକାସଂସ୍ଥା ମାଧ୍ୟମରେ ଆଶାୟୀମାନେ ଆବେଦନ କରିବା କଥା। ହେଲେ ସ୍ୱାସ୍ଥ୍ୟ ବିଭାଗର କେତେଜଣ କର୍ମଚାରୀ ଆବେଦନକାରୀଙ୍କଠାରୁ ଫର୍ମ ଓ ଡକ୍ୟୁମେଣ୍ଟ ସଂଗ୍ରହ କରୁଛନ୍ତି। ଏଥିରେ ଅର୍ଥ କାରବାର ହେଉଥିବା ଚର୍ଚ୍ଚା ହେଉଛି, ଯାହା ତଦନ୍ତସାପେକ୍ଷ। ଅନ୍ୟପଟେ ଅଭିଯୋଗକୁ ମିଛ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡା. ଅଶୋକ କୁମାର ଦାଶ କହିଛନ୍ତି।

ସୂଚନାଯୋଗ୍ୟ, ଢେଙ୍କାନାଳ ଜିଲା ସ୍ୱାସ୍ଥ୍ୟ ବିଭାଗରେ ୨୦ ଜଣ ଷ୍ଟାଫ୍ ନର୍ସ, ୧୫ ଜଣ ଏଏନ୍‌ଏମ୍, ୭ ଜଣ ଡାଟାଏଣ୍ଟ୍ରି ଅପରେଟର, ୨୧ ଜଣ ଲିଫ୍ଟମ୍ୟାନ ଓ ଅପରେଟର, ୩ ଜଣ ଅକ୍ସିଜେନ ପ୍ଲାଣ୍ଟ ପରିଚାଳକ, ୩ଜଣ ଗାର୍ଡେନର, ୮ଜଣ ଲାବରେଟୋରି ଟେକ୍ନିସିଆନ, ଜଣେ ଅପଥାଲମିକ୍ ଆସିଷ୍ଟାଣ୍ଟ, ଜଣେ ୱାର୍ଡ ଆଟେଣ୍ଡାଣ୍ଟ, ୩୦ ଜଣ ମଲ୍ଟିଟାସ୍କ କର୍ମଚାରୀଙ୍କୁ ଆଉଟ୍‌ସୋର୍ସିଂ ମାଧ୍ୟମରେ ନିଯୁକ୍ତି ଦିଆଯିବ। ଏଥିଲାଗି ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଯାଜପୁରର ଏକ ଠିକାସଂସ୍ଥା ଏହି ଦାୟିତ୍ୱ ନେଇଛି। ହେଲେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ହସ୍ତକ୍ଷେପ କାରଣରୁ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି। ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ଏ ସଂକ୍ରାନ୍ତରେ ସିଡିଏମ୍‌ଓ ଡା. ଦାଶ କୁହନ୍ତି, ଆବେଦନକାରୀଙ୍କ ସାର୍ଟିଫିକେଟ ଏବଂ ଅଭିଜ୍ଞତା ଯାଞ୍ଚ କରିବା ଲାଗି ଠିକାସଂସ୍ଥାକୁ ସ୍ୱାସ୍ଥ୍ୟ ବିଭାଗର କେତେଜଣ କର୍ମଚାରୀ ସହଯୋଗ କରୁଛନ୍ତି। ଏଥିରେ ଅନିୟମିତତା ହେବା ଓ ଟଙ୍କା ମଗାଯିବା ଅଭିଯୋଗ ସମ୍ପୂର୍ଣ୍ଣ ମିଛ। ସମ୍ପୃକ୍ତ ଠିକାସଂସ୍ଥା ଆଉଟସୋର୍ସିଂ କର୍ମଚାରୀ ନିଯୁକ୍ତିରେ ବିଳମ୍ବ କରୁଥିବାରୁ ଏଭଳି ଆଲୋଚନା ହେଉଛି। ତେଣୁ ତୁରନ୍ତ ନିଯୁକ୍ତି ପ୍ରକ୍ରିୟା ସାରିବା ପାଇଁ ତାଗିଦା କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।

# ୱାର୍ଡସଭ୍ୟଙ୍କୁ ଦକ୍ଷତା ବୃଦ୍ଧି ତାଲିମ



କଙ୍କଡ଼ାହାଡ଼ରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ୱାର୍ଡସଭ୍ୟ ଓ ଅତିଥିମାନେ।

**ଢେଙ୍କାନାଳ ଅଫିସ/ସାତମାଇଲ (ଡି.ଏନ୍.ଏ), ୨୫।୨**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବାଲିମୀସ୍ଥିତ ସ୍ୱେଚ୍ଛାସେବୀ ସଙ୍ଗଠନ 'ଫାର' କାର୍ଯ୍ୟାଳୟରେ ୱାର୍ଡସଭ୍ୟଙ୍କ ୩ ଦିନିଆ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କନ୍ତିମିଲି, କୁନୁଆ ଓ ପାଟଲା ପଞ୍ଚାୟତର ୱାର୍ଡମେମ୍ବର ଅଂଶଗ୍ରହଣ କରିଥିଲେ। ବ୍ଲକ କୃଷି ବିଭାଗ ଅତିରିକ୍ତ ପ୍ରଯୁକ୍ତିବିଦ୍ୟା ଅଧିକାରୀ ସମୀର ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ୱାର୍ଡସଭ୍ୟଙ୍କ ଦାୟିତ୍ୱ, କର୍ତ୍ତବ୍ୟ ଏବଂ ଅଧିକାର ସମ୍ପର୍କରେ ସଚେତନ କରାଇଥିଲେ। ଅନୁଷ୍ଠାନର ମୁଖ୍ୟ କାର୍ତ୍ତିକେଶ୍ୱର ସାମଲ କହିଲେ, ମହାତ୍ମା ଗାନ୍ଧୀଙ୍କ ଗ୍ରାମ ସ୍ୱରାଜ ସ୍ୱପ୍ନ ସାକାର କରିବାରେ ୱାର୍ଡ ସଭ୍ୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ, ସ୍ୱେଚ୍ଛାସେବୀ ସଙ୍ଗଠନ 'ଫାର'ର ମିଳିତ ସହାୟତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀକାନ୍ତ ବେହେରା, ଶାନ୍ତିଲତା ସାମଲ ଯୋଗଦେଇ ତାଲିମ ଦେଇଥିଲେ। ଆଗାମୀ ଦିନରେ ୪ ପର୍ଯ୍ୟାୟରେ ୧୬୮ ୱାର୍ଡସଭ୍ୟଙ୍କୁ ତାଲିମ ଦିଆଯିବ ବୋଲି ସୂଚନା ଦିଆଯାଇଛି। ସ୍ମିତିସୌମ୍ୟା ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସ୍ୱାଗତିକା, ହିମାଂଶୁ, ବାବୁ, ବିବ୍ରତ ଏଥିରେ ସହଯୋଗ କରିଥିଲେ।

ସେହିପରି କଙ୍କଡ଼ାହାଡ଼ ବ୍ଲକସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଚାଲିଥିବା ୱାର୍ଡସଭ୍ୟମାନଙ୍କ ୨୧ ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ବ୍ଲକର ୨୧ ପଞ୍ଚାୟତର ୨୬୬ଜଣ ୱାର୍ଡସଭ୍ୟଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। 'ନ୍ୟୁ ଇଣ୍ଡିଆ' ସହାୟତାରେ ଏହି ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମ୍ବଳ କର୍ମୀ ପ୍ରଳୟ ଦାସ, ଅଞ୍ଜନ ପତି, ଜିତେନ୍ଦ୍ର ପାଣି, ଦେବାନନ୍ଦ ମହାନ୍ତ, ଦିଲୀପ ସରକାର, 'ନ୍ୟୁ ଇଣ୍ଡିଆ'ର ସମ୍ପାଦକ ଶେଷଦେବ ରାଉତ, କୈଳାସ ଚନ୍ଦ୍ର ରାଉତ, ସଞ୍ଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଲୋକାର୍ପିତ




**ଢେଙ୍କାନାଳ ଅଫିସ, ୨୫।୨**

- ପୁରାତନ ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ୱରୂପ ବଦଳିଲା
- ପୌରାଞ୍ଚଳବାସୀଙ୍କୁ ହାତପାଆନ୍ତାରେ ମିଳିବ ସେବା
- ଉପଲବ୍ଧ ହେବ ୬୪ ପ୍ରକାର ପରୀକ୍ଷା

ପୂରଣ ହୋଇଛି ଢେଙ୍କାନାଳ ସହରବାସୀଙ୍କ ଦୀର୍ଘଦିନର ଦାବି। ବାଜିଚୌକସ୍ଥିତ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ୱରୂପ ପରିବର୍ତ୍ତନ କରାଯାଇ ଏହାକୁ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ପରିଣତ କରାଯାଇଛି। ଶନିବାର ବିଧିବଦ୍ଧ ଭାବେ ଏହା ଲୋକାର୍ପିତ ହୋଇଛି। ଏଣିକି ସାଧାରଣ ରୋଗ, ଛୋଟ ଦୁର୍ଘଟଣା କ୍ଷେତ୍ରରେ ପୌରାଞ୍ଚଳବାସୀଙ୍କୁ ଆଉ ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭରଶୀଳ ହେବାକୁ ପଡ଼ିବ ନାହିଁ। ଏଠାରେ ୬୪ ପ୍ରକାର ପରୀକ୍ଷା ସାଙ୍ଗକୁ ଫିଜିଓଥେରାପି, ଯୋଗଶିକ୍ଷା ଉପଲବ୍ଧ ହେବ। ପ୍ରତି ସପ୍ତାହରେ ବିଶେଷଜ୍ଞଙ୍କ ପରାମର୍ଶ ମଧ୍ୟ ମିଳିବ। ଫଳରେ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଉପରୁ ଅତିରିକ୍ତ ଚାପ କମିବା ସହ ହାତପାଆନ୍ତାରେ ଗୁଣାତ୍ମକ ସେବା ମିଳିପାରିବ ବୋଲି ବୁଦ୍ଧିଜୀବୀ ଆଶାବ୍ୟକ୍ତ କରିଛନ୍ତି।

ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କହିଲେ, ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ପର୍ଯ୍ୟାପ୍ତ ଭିତ୍ତିଭୂମି ରହିଛି। ଏହାକୁ କାର୍ଯ୍ୟରେ ଲଗାଇବା ପାଇଁ ସ୍ଥାନୀୟ ଏମ୍‌ପି, ସ୍ଥାନୀୟ ବିଧାୟକ, ଜିଲାପାଳ, ରାଜ୍ୟ ସ୍ୱାସ୍ଥ୍ୟ ସଚିବ, ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇଥିଲା। ଏହାପରେ ଏହାକୁ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ପରିଣତ କରାଯାଇଛି। ଏହାର ସୁପରିଚାଳନା କରି ଲୋକଙ୍କ ସେବାରେ ଲଗାଇବା ପାଇଁ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଏମ୍‌ପି ମହେଶ ସାହୁ, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ଜିଲାପାଳ ସରୋଜ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଭବିଷ୍ୟତରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଧିକ ବିକଶିତ କରାଯିବ ବୋଲି ଅତିଥିମାନେ ପ୍ରତିଶ୍ରୁତି ଦେଇଛନ୍ତି। ସିଡିଏମ୍‌ଓ ଡା. ଅଶୋକ କୁମାର ଦାଶ, ଏଡିଏମ୍‌ଓ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ନୂତନ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ସକାଳ ବେଳା ଦୈନିକ ପୂର୍ବାହ୍ନ ୮ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଖୋଲା ରହିବ। ଖରାଦିନେ ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ଏବଂ ଶୀତଦିନେ ଅପରାହ୍ନ ୩ଟାରୁ ଅପରାହ୍ନ ୫ଟା ଯାଏ କାର୍ଯ୍ୟକ୍ଷମ ହେବ। ଦୈନିକ ଜଣେ ଡାକ୍ତର ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷାରେ ନିୟୋଜିତ ହେବେ। ସପ୍ତାହକୁ ଗୋଟିଏ ଦିନ ବିଭିନ୍ନ ବିଭାଗର ଜଣେ ଲେଖାଏ ବିଶେଷଜ୍ଞ ଉପସ୍ଥିତ ରହି ରୋଗୀ ଦେଖିବେ ବୋଲି ନିଷ୍ପତ୍ତି ହୋଇଛି।

ସୂଚନାଯୋଗ୍ୟ, ଦକ୍ଷିଣକାଳୀ ରୋଡ୍‌ରେ ୭ ମହଲା ବିଶିଷ୍ଟ ଜିଲା ମୁଖ୍ୟ ଚିକିତ୍ସାଳୟ କାର୍ଯ୍ୟକ୍ଷମ ହେବା ପରେ ବାଜିଚୌକସ୍ଥିତ ପୁରାତନ ଜିଲା ମୁଖ୍ୟ ଚିକିତ୍ସାଳୟ ଅବହେଳିତ ଅବସ୍ଥାରେ ଥିଲା। କରୋନା ମହାମାରୀ ସମୟରେ ଏହାକୁ କୋଭିଡ୍ ହସ୍ପିଟାଲ ଭାବେ ବ୍ୟବହାର କରାଯାଇଥିଲା। ତେବେ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସିଟି ହସ୍ପିଟାଲରେ ପରିଣତ କରିବା ପାଇଁ ବିଭିନ୍ନ ମହଲରେ ଦାବି ଜୋର୍ ଧରିଥିଲା। ତେବେ ଏହାକୁ ସିଟି ହସ୍ପିଟାଲ ପରିବର୍ତ୍ତେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ପରିଣତ କରାଯାଇଥିବାରୁ କେତେକ ସଙ୍ଗଠନ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି।



ଉଦ୍‌ଘାଟନୀ ସମାରୋହରେ ମଞ୍ଚାସୀନ ଜନପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀମାନେ।

### କେତେଦୂର ସଫଳ ହେବ ତାହା ସମୟ କହିବ: ଏମ୍‌ପି

ସ୍ୱାସ୍ଥ୍ୟସେବାକୁ ଲୋକଙ୍କ ନିକଟତର କରିବା ପାଇଁ ରାଜ୍ୟ ସରକାରଙ୍କ ଏହା ଏକ ଅଭିନବ ପରିକଳ୍ପନା । କିନ୍ତୁ ଏହା କେତେଦୂର ସଫଳ ହେବ ତାହା ସମୟ କହିବ ବୋଲି କହିଛନ୍ତି ଏମ୍‌ପି ମହେଶ ସାହୁ। ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଲୋକାର୍ପଣ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇଥିବା ଏମ୍‌ପି ସାହୁ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଏହା କହିଛନ୍ତି। ଅନ୍ୟପଟେ ଏମ୍‌ପିଙ୍କ ଏଭଳି ମନ୍ତବ୍ୟ ସାଧାରଣରେ ଆଲୋଚନାର ବିଷୟ ହୋଇଛି।

### ଆମର ସିଟି ହସ୍ପିଟାଲ ଦରକାର: ପୌରାଧ୍ୟକ୍ଷା

ଦୀର୍ଘଦିନ ପରେ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ପରିଣତ କରାଯାଇଛି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରୁଛୁ। କିନ୍ତୁ ଢେଙ୍କାନାଳ ସହରର ଜନସଂଖ୍ୟା ଦୃଷ୍ଟିରୁ ପର୍ଯ୍ୟାପ୍ତ ଭିତ୍ତିଭୂମି ଥିବା ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ସିଟି ହସ୍ପିଟାଲ ଖୋଲାଯିବା ନିତାନ୍ତ ଆବଶ୍ୟକ। ସିଟି ହସ୍ପିଟାଲ ଆମର ନିହାତି ଦରକାର ବୋଲି ଭାଜପା ନେତ୍ରୀ ତଥା ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଦାବି କରିଛନ୍ତି।

### ପ୍ରସ୍ତାବରେ ସୀମିତ କ୍ୟାନ୍‌ସର ହସ୍ପିଟାଲ

ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇ ଜିଲାପାଳ ସରୋଜ କୁମାର ସେଠୀ ଗଣମାଧ୍ୟମର ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ସେ କହିଲେ, ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏକ କ୍ୟାନ୍‌ସର ହସ୍ପିଟାଲ ପାଇଁ ପ୍ରସ୍ତାବ ଦିଆଯାଇଛି। ଅବସରପ୍ରାପ୍ତ ସେନା ଅଧିକାରୀ ଓ କର୍ମଚାରୀଙ୍କ ଅନୁରୋଧ ରକ୍ଷା କରି ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ମଧ୍ୟ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ସୂଚନା ଦେଇଥିଲେ। ତେବେ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ତଥା ବର୍ତ୍ତମାନର ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ କ୍ୟାନ୍‌ସର ହସ୍ପିଟାଲ କାର୍ଯ୍ୟକ୍ଷମ କରିବା ନିଷ୍ପତ୍ତି କେବଳ ପ୍ରସ୍ତାବରେ ସୀମିତ ରହିଛି। ୨-୩ ବର୍ଷ ତଳେ ଏଥିଲାଗି ଜିଲା ପ୍ରଶାସନ ପକ୍ଷରୁ ଯୋଜନା କରାଯାଇଥିଲା। ହେଲେ ଏହା ଅଦ୍ୟାବଧି ହୋଇପାରିନାହିଁ, ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି।

